ପ୍ରମେୟ Prameya

# ଗାୟତ୍ରୀବାଳାଙ୍କୁ ନବୀନଙ୍କ ଶୁଭେଚ୍ଛା

## ନବୀନଙ୍କୁ ଭେଟି ପୁରସ୍କାର ପାଇଁ ମନୋନୀତ ପୁସ୍ତକ ଦେଲେ



ଭୁବନେଶ୍ୱର,୨୪।୧୨(ବ୍ୟୁରୋ): ସୁପ୍ରସିଦ୍ଧ ଓଡ଼ିଆ ଲେଖିକା ଡ. ଗାୟତ୍ରୀବାଳା ପଣ୍ଡା ଓଡ଼ିଆ ଭାଷାରେ କବିତା ସଂକଳନ 'ଦୟାନଦୀ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୨୦୨୨ ପାଇବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବା ନେଇ ଆଗାମୀ ଦିନ ପାଇଁ ସଫଳତା କାମନା କରିଛନ୍ତି। ଏହି ପୁରସ୍କାର ତାଙ୍କ ସାରସ୍ୱତ ଯାତ୍ରାରେ ମାଇଲଷ୍ଟୋନ୍ ହେବ। ଶନିବାର ଡ. ପଣ୍ଡା ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କବିତା ସଂକଳନ 'ଦୟାନଦୀ' ପ୍ରଦାନ କରିଛନ୍ତି। ଏହି ଅବସରରେ ତାଙ୍କ ସ୍ୱାମୀ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ପୁଅ ମନୀତ ମଙ୍ଗରାଜ ଉପସ୍ଥିତ ଥିଲେ।